# Indian nationals on board Diamond Princess cruise ship off Japan coast brought back in a special flight

# ଜାପାନ ଉପକୂଳରୁ ଡାଇମଣ୍ଡ ପ୍ରିନସେସ୍ କ୍ରୁଜ୍ ରେ ଥିବା ଭାରତୀୟ ନାଗରିକମାନେ ସ୍ୱତନ୍ତ୍ର ବିମାନରେ ଫେରିଛନ୍ତି

ଫେବୃୟାରୀ 27, 2020

1. ଫେବୃଆରୀ 27, 2020 ରେ ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର ଏୟାର ଇଣ୍ଡିଆର ବିମାନ ଜାପାନର ଟୋକିଓରୁ ଆସି ପହଞ୍ଚି ଥିଲା । ଏଥିରେ ଡାଇମଣ୍ଡ ପ୍ରିନସେସ୍ କ୍ରୁଜରେ ଥିବା 119 ଜଣ ଭାରତୀୟ ନାଗରିକ (113 ଜଣ କ୍ରୁ ସଦସ୍ୟ ଏବଂ 6 ଜଣ ଯାତ୍ରୀ)ଙ୍କୁ ଫେରାଇ ଆଣାଯାଇଥିଲା। ଭାରତର "ପ୍ରଥମେ ପଡ଼ୋଶୀ" ନୀତି ଏବଂ ଇଣ୍ଡୋ - ପାସିଫିକ୍ ଭିଜନ୍ ଅନୁଯାୟୀ, ବିଶେଷ ବିମାନ ଦ୍ୱାରା 5 ବିଦେଶୀ ନାଗରିକଙ୍କୁ ମଧ୍ୟ ଅଣା ଯାଇଥିଲା ଯେଉଁମାନଙ୍କ ମଧ୍ୟରେ ଥିଲେ -2 ଶ୍ରୀଲଙ୍କା ନାଗରିକ, 1 ନେପାଳ ନାଗରିକ, 1 ଦକ୍ଷିଣ ଆଫ୍ରିକା ନାଗରିକ ଏବଂ 1 ପେରୁ ନାଗରିକ । ଅଣା ଯାଇଥିବା ସମସ୍ତ ନାଗରିକ ହରିଆନାର ମାନସେରରେ ଭାରତୀୟ ସେନା ଦ୍ୱାରା ସ୍ଥାପିତ କ୍ୱାରେଣ୍ଟାଇନ୍ ବା ସଂଗରୋଧ ସୁବିଧା କେନ୍ଦ୍ରରେ 14 ଦିନ ରହିବେ ।

2. 3 ଭାରତୀୟ କ୍ରୁ ସଦସ୍ୟ ସ୍ୱତନ୍ତ୍ର ବିମାନ ଯୋଗେ ଆସି ନଥିଲେ ଏବଂ ଜାପାନ ସରକାରଙ୍କ ଦ୍ୱାରା ବର୍ଦ୍ଧିତ ସଂଗରୋଧ ଅବଧି ସମାପ୍ତ କରିବାକୁ କ୍ରୁଜରେ ରହିବାକୁ ଇଚ୍ଛା ପ୍ରକାଶ କରିଥିଲେ ।

3. ଡାଇମଣ୍ଡ ପ୍ରିନସେସ୍ ରେ ଥିବା ମୋଟ 138 ଜଣ ଭାରତୀୟ ନାଗରିକଙ୍କ ମଧ୍ୟରୁ 16 ଜଣ କରୋନାଭାଇରସ୍ - 2019 (କୋଭିଡ -19) ପଜିଟିଭ୍ ଜଣା ପଡ଼ିଥିଲେ ଏବଂ ସେମାନେ ଜାପାନର ଉପକୂଳ ଚିକିତ୍ସା ସୁବିଧାଗୁଡ଼ିକରେ ଆବଶ୍ୟକ ଚିକିତ୍ସା ସେବା ଗ୍ରହଣ କରୁଛନ୍ତି । ଟୋକିଓରେ ଥିବା ଭାରତର ଦୂତାବାସ ଏହି ବ୍ୟକ୍ତିବିଶେଷଙ୍କ ସହ ଯୋଗାଯୋଗ ସ୍ଥାପନ କରିଛି ଏବଂ ସେମାନଙ୍କର ଚିକିତ୍ସା ନିରନ୍ତର ଅନୁଧ୍ୟାନ କରାଯାଉଛି ।

4. ଏହି ଜାହାଜଟି ଜାପାନ ସରକାରଙ୍କ ଦ୍ୱାରା 5 ଫେବୃଆରୀ 2020 ରୁ 19 ଫେବୃଆରୀ 2020 ପର୍ଯ୍ୟନ୍ତ 14 ଦିନ ପାଇଁ କ୍ୱାରେଣ୍ଟାଇନ୍ ରେ ରଖାଯାଇଥିଲା, କାରଣ ଜାହାଜରୁ ଓହ୍ଲାଇଥିବା ଯାତ୍ରୀମାନଙ୍କ ମଧ୍ୟରୁ ଜଣେ କୋଭିଡ୍ -19 ପରୀକ୍ଷାରେ ପଜିଟିଭ୍ ଜଣା ପଡ଼ିଥିଲା । ପରବର୍ତ୍ତୀ ସମୟରେ ଏହି କ୍ୱାରେଣ୍ଟାଇନ୍ ଅବଧିକୁ ଜାପାନ ସରକାର ବଢ଼ାଇ ଦେଇଥିଲେ କାରଣ 14 ଦିନର ପ୍ରାରମ୍ଭିକ କ୍ୱାରେଣ୍ଟାଇନ୍ ଅବଧିରେ କ୍ରୁ ସଦସ୍ୟମାନେ ସେମାନଙ୍କର ନିୟମିତ କାର୍ଯ୍ୟ କରୁଥିଲେ ।

**ନୂଆ ଦିଲ୍ଲୀ**
**ଫେବୃୟାରୀ 27, 2020**

DISCLAIMER : This is an approximate translation. The original is available in English on MEA's website and may be referred to as the official press release.